CLASS: IV

SUBJECT : ଓଡିଆ

CHAPTER NAME : ମାଟି ଗଲା ବିଗିଡି

SUBTOPIC :, ବିଷୟ ବାଖ୍ୟା ଓ କଠିନ ଶବ୍ଦ

CHANGING YOUR TOMORROW

ଅଜା କହିଲେ, "ମୋତେ ଅଳସୁଆ ହୋଇ ଘରେ ବସି ରହିବାକୁ ଭଲ ଲାଗେ ନାହିଁ । ସକାଳେ ସଞ୍ଜେ ଦୁଇଓଳି ଏମିତି ଘଣ୍ଟାଏ ଲେଖାଏଁ ବଗିଚାରେ କାମ କରେ । ତା ଦ୍ୱାରା ଦେହ ଭଲ ରହେ, ମନ ଫୂର୍ତ୍ତି ଲାଗେ । ତା ଛଡ଼ା କିଛି ଫଳ, ଫସଲ ମଧ୍ୟ ଅମଳ କରିହୁଏ ।"



ଦୀପୁ କହିଲା, "ଅଜା, ଆପଣ ଘରେ ବସି କିଛି କାମ କରୁ ନାହାନ୍ତି । ଏ ଧୂଳି ମାଟିରେ କାହିଁକି ଘାଣ୍ଟି ହେଉଛନ୍ତି ?

ଅଜା କହିଲେ, "କ'ଣ କହିଲୁ ? ଧୂଳିମାଟି ? ଆରେ, ଏ ମାଟି ହେଉଛି ଆମ ମାଆ, ଏ ଧୂଳି ହେଉଛି ଚନ୍ଦନ । ଏ ମାଟି ନ ଥିଲେ ଆମେ କେଉଁଠି ଥାଆନ୍ତେ କହିଲୁ ?" ତା' ପରେ ଅଜା ଗୁଣୁଗୁଣୁ ହୋଇ ପାକୁଆ ପାଟିରେ କ'ଣ ପଦେ ଗୀତ ଗାଇ କୋଡ଼ି କୋଦାଳ ଧରି ଉଠିଲେ । କହିଲେ, "ପିଲାଏ, ଖରା ଟାଣ ହେଲାଣି । ତୁମକୁ ଭୋକ ଲାଗିବଣି । ଚାଲ, ଘରେ ଖିଆପିଆ ସାରି କଥାବାର୍ତ୍ତା ହେବା ।"

ବାପୁ, ଦୀପୁ ସେଦିନ ମଉସାଙ୍କ ଘରେ ରହିଲେ । ମଉସାମାଉସୀ ତାଙ୍କୁ ଖୁବ୍ ସ୍ନେହ ଆଦର କଲେ। ଉପର ଓଳି ଖରା ନଇଁବା ପରେ ଅଜା ପୁଣି ବାହାରିଗଲେ ବଗିଚାକୁ । ବାପୁ,ଦୀପୁ ମଧ୍ୟ ଗଲେ । ଅଜାଙ୍କ ସାଙ୍ଗରେ ମିଶି ସେ ଦୁହେଁ କେତେ କାମ କରି ପକାଇଲେ । ବଗିଚା କାମ ତାଙ୍କୁ ଭାରି ଭଲ ଲାଗିଲା ।

ବାପୁ କହିଲା, "ଅଜା, ଆପଣଙ୍କ ବାଡ଼ିରେ ତ କେତେ ସୁନ୍ଦରସୁନ୍ଦର ଫୁଲ ସବୁ ଫୁଟିଛି, କେତେ ଜାତିର ପରିବା ବି ଫଳିଛି । ଆପଣ କ'ଣ ବେଶୀ ପରିମାଣରେ ସାର ଦେଉଛନ୍ତି ।"

ଅଜା କହିଲେ, "ବେଶି ସାର ଦେଲେ ଯେ ବେଶୀ ଫସଲ ଅମଳ ହେବ, ସେକଥା ଠିକ୍ ନୁହେଁ । କେତେ ଜମିରେ କେତେ ସାର ଦିଆଯିବ, ତାର ଏକ ହିସାବ ଅଛି । ତା' ଛଡ଼ା ବଜାରରେ ଯେଉଁ କୃତ୍ରିମ ସାର ବା ରାସାୟନିକ ସାର ମିଳୁଛି, ସେଇତ ହେଉଛି ସବୁ ଅନିଷ୍ଟର ମୂଳ ।"

ଦୀପୁ କହିଲା, "ସେ ସାର ଦେଲେ ତ ଅଧିକ ଫସଲ ଅମଳ ହେଉଛି । ତାହା ପୁଣି ଅନିଷ୍ଟ କରୁଛି କେମିତି ?"

ODM EDUCATIONAL GROUP
Changing your Tomorrow



ଅଜା କହିଲେ, " ଶୁଣ ପିଲାଏ, ଆମ ଏଇ ନଈକୂଳିଆ ଗାଆଁଟିର ମାଟି ଆଗେ ଖୁବ୍ ଉର୍ବର ଥିଲା । ମଞ୍ଜିଟାଏ କି ଚାରାଟାଏ ପୋତିଦେଲେ ମନକୁ ମନ କାହିଁରେ କ'ଣ ବଢ଼ିଯାଉଥିଲା । କିଛି ବର୍ଷ ତଳେ ଏ ଅଞ୍ଚଳରେ ଗୋଟାଏ ବଡ଼ ଧରଣର ବାତ୍ୟା ହେଲା । ବାତ୍ୟାରେ ଲୋକମାନଙ୍କର ଘରଦ୍ୱାର ଯାହା ତ ଭାଙ୍ଗିଲା, ତା ସହିତ ଅଧାରୁ ଅଧିକ ବଡ଼ବଡ଼ ଗଛସବୁ ଉପୁଡ଼ି ପଡ଼ିଲା । ବାତ୍ୟା ପରେ କ୍ଷେତବାଡ଼ିରେ ପୋକ ଭର୍ତ୍ତି ହୋଇଗଲେ । ପୋକଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଚାଷୀମାନେ ମନଇଚ୍ଛା ପୋକମରା ବିଷ ପକାଇଲେ ।"

ବାପୁ କହିଲା, "ସେ ତ ପୋକମରା ଔଷଧ, ତାକୁ ଆପଣ ବିଷ ବୋଲି କାହିଁକି କହୁଛନ୍ତି ?'' ଅଜା ଟିକିଏ ହସିଲେ । କହିଲେ, " ସେ ପ୍ରକୃତରେ ଔଷଧ ନୁହେଁ ଖାଣ୍ଟି ବିଷ । କେବଳ ପୋକ କାହିଁକି ସେଥିରେ କାଉ, ଚିଲ, ବଗ ଭଳି ପକ୍ଷୀଙ୍କ ସହିତ ଗୋରୁଗାଈ, ଛେଳି ମେଣ୍ଢା ଏପରିକି ମଣିଷ ମଧ୍ୟ ମରିଯିବେ ।



ODM EDUCATIONAL GROUP
Changing your Tomorrow

# କଠିନ ଶବ୍ଦ

- କୋଡ଼ି କୋଦାଳ — ଯେଉଁଥିରେ ମାଟି ଖୋଳାଯାଏ
- ଉପରଓଳି — ଖର ।କମିବା ପରେ
- ଜାତିର — ବିଭିନ୍ନ ପ୍ରକାରର
- ଅନିଷ୍ଟ — କ୍ଷତିକାରକ
- ନଈକୂଳିଆ — ନଈକୂଳରେ ଥିବା
- ଉର୍ବର — ଚାଷ ପାଇଁ ଉପଯୁକ୍ତ
- ଦାଉରୁ — ଠାରୁ

# ଗୃହ କାର୍ଯ୍ୟ

- ବିଷୟଟିକୁ ଭଲ ଭାବେ ରେ ପଢଓ କଠିନ ଶବ୍ଦକୁ ମନେରଖ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP